# NATIONAL NEWS BULLETIN (ODIA)

**5 May - 2025**

**Morning Bulletin : 7.15 a.m.**

******************************************************

## ମୁଖ୍ୟ ସମ୍ବାଦ

- ଭାରତର ପ୍ରଥମ ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀ ୨୦୨୫ ମୁମ୍ବାଇର ଜିଓ ୱାର୍ଲ୍ଡ ସେଣ୍ଟରରେ ଉଦ୍‌ଯାପିତ ।
- ୨୦୩୬ ଅଲିମ୍ପିକ୍ସ ପୂର୍ବରୁ ଭାରତକୁ କ୍ରୀଡ଼ା କ୍ଷେତ୍ରରେ ସୁପର ପାୱାର୍ କରିବା ଲାଗି କେନ୍ଦ୍ର ସରକାର ପ୍ରତିବଦ୍ଧ କହିଲେ, ପ୍ରଧାନମନ୍ତ୍ରୀ ।
- ଏସୀୟ ଉନ୍ନୟନ ବ୍ୟାଙ୍କ୍‌ର ୫୮ତମ ବୋର୍ଡ୍ ଅଫ୍ ଗଭର୍ଣ୍ଣର୍ସ୍ ବୈଠକ ଆରମ୍ଭ ।

– ଭାରତର ପ୍ରତିନିଧିତ୍ୱ କରୁଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

- ନୂଆଦିଲ୍ଲୀରେ ଆଜି ଜାପାନ ପ୍ରତିପକ୍ଷଙ୍କ ସହ ବୈଠକ କରିବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ଓ କୋଲକାତା ନାଇଟ୍ ରାଇଡର୍ସ୍ ବିଜୟୀ ।

# ୱେଭ୍ସ-ସମିଟ୍ କନ୍‌କ୍ଲୁଡେଟ୍

ଭାରତର ପ୍ରଥମ ବିଶ୍ୱ ଦୃଶ୍ୟସ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀ ୨୦୨୫ ଗତକାଲି ମୁମ୍ବାଇର ଜିଓ ୱାର୍ଲ୍ଡ ସେଣ୍ଟରରେ ଶେଷ ହୋଇଛି । ଗତ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଏହି ୪ ଦିନିଆ ଶିଖର ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ଏଥିରେ ୯୦ରୁ ଅଧିକ ଦେଶ ଅଂଶଗ୍ରହଣ କରିଥିବା ବେଳେ ପ୍ରାୟ ୧୦ ହଜାରରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ ।

ଏହି ଶିଖର ସମ୍ମିଳନୀ ଗଣମାଧ୍ୟମ ଏବଂ ମନୋରଞ୍ଜନ ଜଗତର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ଏକାଠି କରିଥିଲା । ଏଥିରେ ଗଣମାଧ୍ୟମ ଓ ମନୋରଂଜନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର, ଗଣମାଧ୍ୟମର ଜଗତିକରଣ, ବିଷୟବସ୍ତୁ ସୃଷ୍ଟିର ଭବିଷ୍ୟତ ଏବଂ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ୱେଭ୍ସ ବଜାରରେ ପ୍ରାୟ ଏକ ହଜାର ୩୦୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟିକ ଚୁକ୍ତି ହୋଇଥିବା ଜଣାପଡ଼ିଛି । ଏହି ଶିଖର ସମ୍ମିଳନୀରେ ୭୭ଟି ଦେଶର ପ୍ରତିନିଧିମାନେ ବିଶ୍ୱ ଗଣମାଧ୍ୟମ ଆଲୋଚନାରେ ଗୃହିତ ନିଷ୍ପତ୍ତିକୁ ଗ୍ରହଣ କରିଛନ୍ତି । ଚାରି ଦିନିଆ ଶିଖର ସମ୍ମିଳନୀରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ଲୋକନୃତ୍ୟ ଓ ମାର୍ଶାଲ ଆର୍ଟ୍ ପ୍ରଦର୍ଶନ କରାଯାଇଥିଲା ।

# ପିଏମ୍ - ଖେଲୋ ଇଣ୍ଡିଆ

୨୦୩୬ ଅଲିମ୍ପିକ୍ସ ପୂର୍ବରୁ ଭାରତକୁ କ୍ରୀଡ଼ା କ୍ଷେତ୍ରରେ ସୁପର ପାୱାର୍ କରିବା ଲାଗି କେନ୍ଦ୍ର ସରକାର ପ୍ରତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା ୨୦୨୫କୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ଶ୍ରୀ ମୋଦୀ କହିଛନ୍ତି, ସରକାର ପୂର୍ବ ଦଶନ୍ଧି ତୁଳନାରେ କ୍ରୀଡ଼ା ବଜେଟ୍ ତିନିଗୁଣ ବୃଦ୍ଧି କରିଛନ୍ତି ଏବଂ ଚଳିତ ଆର୍ଥିକ ବର୍ଷରେ ୪ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି ।

**V/O-Khelo India PM**

କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମି ନିର୍ମାଣକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ବର୍ଷ ତମାମ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି ଏବଂ ଜାତୀୟ ଶିକ୍ଷାନୀତିରେ କ୍ରୀଡ଼ାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଯୁବ କ୍ରୀଡ଼ା ହେଉ କି ଶୀତକାଳୀନ କ୍ରୀଡ଼ା କିମ୍ବା ପାରା ଗେମ୍ସ, ସବୁ ପ୍ରକାର କ୍ରୀଡ଼ାକୁ ଏକ ନୂତନ ରୂପ ଦେବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ।

ସେ କହିଛନ୍ତି, ଏନ୍.ଡି.ଏ.ର ଡବଲ୍ ଇଞ୍ଜିନ୍ ସରକାର ଯୋଗୁଁ ଦେଶର ଗ୍ରାମାଞ୍ଚଳ ଗୁଡ଼ିକରେ ଉନ୍ନତ ସୁବିଧା ସୁଯୋଗ ମିଳିପାରୁଛି ଏବଂ ଦେଶର କ୍ରୀଡ଼ା ଅର୍ଥନୀତି କେବଳ ଷ୍ଟାଡିୟମ୍ ମଧ୍ୟରେ ସୀମିତ ନ ରହି ରୋଜଗାର ସୃଷ୍ଟି କ୍ଷେତ୍ରରେ ଅନେକ ସମ୍ଭାବନା ସୃଷ୍ଟି କରିଛି । **V/O-Khelo India Talent PM**

ଗତକାଲି ବିହାରର ପାଟନା ଠାରେ ଆରମ୍ଭ ହୋଇଥିବା  ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ୮ ହଜାର ୫୦୦ରୁ ଅଧିକ ଯୁବ ପ୍ରତିଭାଙ୍କୁ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବାର ସୁଯୋଗ ମିଳିଛି । ପ୍ରାୟ ୨ହଜାର ୪୦୦ ପ୍ରତିଯୋଗିଙ୍କୁ ଚୟନ କରାଯାଇ ପଦକ ପ୍ରଦାନ କରାଯିବ । ବିହାରର ପାଟନା, ରାଜଗିରି, ଗୟା, ଭାଗଲପୁର ଓ ବେଗୁସରାଇ ସମେତ ନୂଆଦିଲ୍ଲୀରେ ଏହି କ୍ରୀଡ଼ା ଆୟୋଜନ ହେଉଛି ।

## ଭିପି-କର୍ଣ୍ଣାଟକ ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଦିନିକିଆ କର୍ଣ୍ଣାଟକ ଗସ୍ତରେ ଯିବେ । ଏହି ଗସ୍ତ ସମୟରେ ସେ କର୍ଣ୍ଣାଟକର ଉତ୍ତର କନ୍ନଡ଼ ଜିଲ୍ଲାର ଶୀର୍ଷି ସ୍ଥିତ କଲେଜ୍ ଅଫ୍ ଫରେଷ୍ଟ୍ରି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

ଗତକାଲି ଉପରାଷ୍ଟ୍ରପତି ମଧ୍ୟପ୍ରଦେଶର ଗ୍ୱାଲିୟର୍ ସ୍ଥିତ ରାଜମାତା ବିଜୟା ରାଜେ ସିନ୍ଧିଆ କୃଷି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କୁ ସମ୍ବୋଧିତ କରିଥିଲେ । ଉପରାଷ୍ଟ୍ରପତି କହିଥିଲେ, ବିକଶିତ ଭାରତ ଗଠନ ପାଇଁ କୃଷକମାନେ ହେଉଛନ୍ତି ଏକ ଦୃଢ଼ ମାଧ୍ୟମ । ଯେଉଁ ପ୍ରତିଷ୍ଠାନ ଗୁଡ଼ିକ କୃଷି କ୍ଷେତ୍ର ପାଇଁ କାର୍ଯ୍ୟ କରୁଛନ୍ତି ସେମାନେ କୃଷକମାନଙ୍କ ଜୀବନଧାରଣରେ କିଭଳି ଉନ୍ନତି ଅଣାଯାଇପାରିବ ସେ ସମ୍ପର୍କରେ ଦାୟିତ୍ୱବାନ ହେବା ଉଚିତ୍ । ସେ କହିଥିଲେ, କେବଳ ଶସ୍ୟ ଉତ୍ପାଦନ ନୁହେଁ ବରଂ ଦେଶର କୃଷକମାନେ ଯେପରି ଭାବେ କୃଷି ବ୍ୟବସାୟି ହୋଇପାରିବେ,

ସେ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କୃଷି କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ବୃଦ୍ଧି କରିବା ଲାଗି ଉପରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ନିର୍ମଳା ସୀତାରମଣ – ଏଡିବି

ଏସୀୟ ଉନ୍ନୟନ ବ୍ୟାଙ୍କ୍‌ର ୫୮ତମ ବୋର୍ଡ୍ ଅଫ୍ ଗଭର୍ଣ୍ଣର୍ସ୍ ବୈଠକ ଇଟାଲୀର ମିଲାନ ଠାରେ ଗତକାଲି ଆରମ୍ଭ ହୋଇଛି । ୪ ଦିନ ଧରି ଚାଲିବାକୁ ଥିବା ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭାରତ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି । ଅର୍ଥମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ବୈଠକରେ ଏସୀୟ ଉନ୍ନୟନ ବ୍ୟାଙ୍କ୍‌ର ସରକାରୀ ପ୍ରତିନିଧି ଦଳ ସଦସ୍ୟ ଏବଂ ଆନ୍ତର୍ଜାତିକ ଆର୍ଥିକ ଅନୁଷ୍ଠାର ଅଧିକାରୀମାନେ ଯୋଗ ଦେଉଛନ୍ତି । ଏହି ବୈଠକରେ ଭବିଷ୍ୟତ ରକ୍ଷଣାବେକ୍ଷଣ ପାଇଁ ସୀମାପାର ସହଯୋଗ ଶୀର୍ଷକ ଆଲୋଚନାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଂଶଗ୍ରହଣ କରିବେ । ଏହି ଅବସରରେ ଇଟାଲୀ, ଜାପାନ ଏବଂ ଭୁଟାନର ଅର୍ଥମନ୍ତ୍ରୀଙ୍କ ସହିତ ଶ୍ରୀମତୀ ସୀତାରମଣ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଏହା ବ୍ୟତୀତ ଏସୀୟ ଉନ୍ନୟନ ବ୍ୟାଙ୍କ୍‌ର ଅଧ୍ୟକ୍ଷ, ଆନ୍ତର୍ଜାତିକ କୃଷି ବିକାଶ ପାଣ୍ଠିର ଅଧ୍ୟକ୍ଷ ଓ ଜାପାନ ଆନ୍ତର୍ଜାତିକ ସହଯୋଗ ବ୍ୟାଙ୍କ୍‌ର ଗଭର୍ଣ୍ଣରଙ୍କ ସହ ଶ୍ରୀମତୀ ସୀତାରମଣ ବୈଠକ କରିବେ ବୋଲି ଜଣାପଡ଼ିଛି । ଶ୍ରୀମତୀ ସୀତାରମଣ ମିଲାନରେ ଥିବା ପ୍ରବାସୀ ଭାରତୀୟଙ୍କ ସହ କଥାବାର୍ତ୍ତା କରିବା ସହ

ବୋକୋନି ବିଶ୍ୱବିଦ୍ୟାଳୟରେ ଅର୍ଥନୈତିକ ଏବଂ ଜଳବାୟୁ ସନ୍ତୁଳନ ଶୀର୍ଷକ ପୂର୍ଣ୍ଣାଙ୍ଗ ଅଧିବେଶନରେ ଅଂଶଗ୍ରହଣ କରିବେ ।

## ଡିଫେନ୍ସ ମିନିଷ୍ଟର୍-ମିଟ୍

ନୂଆଦିଲ୍ଲୀରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜାପାନର ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ୍ ନାକତାନିଙ୍କ ସହ ବୈଠକ କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଆଲୋଚନା କାଳରେ ଉଭୟ ପକ୍ଷ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ  ସୁରକ୍ଷା ସ୍ଥିତି ଉପରେ ବିଚାର ବିମର୍ଷ କରିବେ । ଭାରତ ଓ ଜାପାନ ମଧ୍ୟରେ ବହୁ ବର୍ଷ ଧରି ଦ୍ୱିପାକ୍ଷିକ ସମ୍ପର୍କ ମଜବୁତ ସ୍ଥିତିରେ ରହିଛି । ଏହାକୁ ଆହୁରି ସୁଦୃଢ଼ କରିବା ଲାଗି ବିଭିନ୍ନ ଉପାୟ ଓ ପ୍ରତିରକ୍ଷା ସହଯୋଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯିବ ।

ଗତ ବର୍ଷ ନଭେମ୍ବର ମାସରେ ଏସିଆନ୍ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀ ପରେ ଦ୍ୱିତୀୟଥର ଲାଗି ଶ୍ରୀ ସିଂହ ଏହି ବୈଠକ କରୁଥିବା ଜଣାପଡ଼ିଛି ।

## ଆଇସିଏଆର୍- ରାଇସ୍

କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ନୂଆଦିଲ୍ଲୀରେ ଭାରତୀୟ କୃଷି ଗବେଷଣା ପରିଷଦ– ଆଇ.ସି.ଏ.ଆର୍ ଦ୍ୱାରା ବିକଶିତ ଭାରତର ପ୍ରଥମ

ଦୁଇଟି ଜିନୋମ ସମ୍ପାଦିତ ଧାନ ପ୍ରଜାତିର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି, ଆଜି ଭାରତ ପାଇଁ ଏକ ଐତିହାସିକ ଦିନ। ସେ କହିଛନ୍ତି, ଏହି ଦୁଇଟି ପ୍ରଜାତି ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ସହ ଦେଶରେ ଧାନର ଅମଳ ବୃଦ୍ଧି କରିବ। ପ୍ରକଳ୍ପରେ ସାମିଲ ଥିବା କୃଷି ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଦେଶର କୃଷି ବୈଜ୍ଞାନିକମାନଙ୍କ ସାମର୍ଥ୍ୟ ଉପରେ ଦେଶର ବିଶ୍ୱାସ ରହିଛି ବୋଲି ଶ୍ରୀ ଚୌହ୍ୱାନ କହିଛନ୍ତି। ଦେଶରେ ବର୍ଦ୍ଧିତ ଜନସଂଖ୍ୟାର ପୋଷଣ ଚାହିଦା ପୂରଣ କରିବାକୁ ହେଲେ ଦେଶରେ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଗବେଷଣା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ସଂକଳ୍ପ ସାକାର ଦିଗରେ ଏକ ମାଇଲଖୁଣ୍ଟ ସାବସ୍ତ୍ୟ ହେବ ବୋଲି ଶ୍ରୀ ଚୌହ୍ୱାନ କହିଛନ୍ତି।

## ରାଜନାଥ ସିଂହ-ଇଭେଣ୍ଟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ପ୍ରତିରକ୍ଷା ମନ୍ତ୍ରୀ ହିସାବରେ ସେନାବାହିନୀ ସହ କାର୍ଯ୍ୟ କରିବା ଏବଂ ଦେଶ ପ୍ରତି ବିପଦ ସୃଷ୍ଟି କରୁଥିବା ତତ୍ତ୍ୱମାନଙ୍କୁ ଉଚିତ ଜବାବ ଦେବା ତାଙ୍କ କର୍ତ୍ତବ୍ୟ । ନୂଆଦିଲ୍ଲୀରେ ଅନୁଷ୍ଠିତ ସଂସ୍କୃତ ଜାଗରଣ ମହୋତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ସିଂହ କହିଛନ୍ତି, ଦେଶର ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତାଙ୍କର ଉତ୍ତରଦାୟିତ୍ୱ । ଦେଶର ଜନସାଧାରଣ

ଯାହା ଚାହୁଁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ତାହା କରୁଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି ।

**V/O-Rajnath Singh**

ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଏବେ ସାରା ବିଶ୍ୱ ଭାରତକୁ ପ୍ରାଧାନ୍ୟ ଦେଉଛି ଏବଂ ବିଶ୍ୱ ମଞ୍ଚରେ ଭାରତର ମତ ଓ ମନ୍ତବ୍ୟକୁ ଗୁରୁତ୍ୱ ଦିଆଯାଉଛି । ସେ କହିଛନ୍ତି, ବିଶ୍ୱ ଅର୍ଥନୀତିରେ ଏକାଦଶ ସ୍ଥାନରେ ଥିବା ଭାରତ ପଞ୍ଚମ ବୃହତମ ଅର୍ଥନୀତିରେ ପରିଣତ ହୋଇଛି ଏବଂ ୨୦୨୭ ସୁଦ୍ଧା ଏହା ତୃତୀୟ ବୃହତମ ଅର୍ଥନୀତିରେ ପରିଣତ ହେବ । କେବଳ ଅର୍ଥନୀତି ଦୃଷ୍ଟିରୁ ନୁହେଁ ବରଂ ଭାରତ ସାଂସ୍କୃତିକ ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ନିଜକୁ ସୁଦୃଢ଼ କରୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଗ୍ରୀଷ୍ମ ପ୍ରବାହ ସମୟରେ ନିରାପଦ ରହିବା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ଡକ୍ଟର ଆର୍.କେ. ଜେନାମଣି ଏବଂ ଲେଡି ହାର୍ଡିଙ୍ଗ୍ ମେଡିକାଲ୍ କଲେଜ୍ର ଭେଷଜ ବିଭାଗର ପ୍ରଫେସର ଡକ୍ଟର ଅନୁପମ ପ୍ରକାଶ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-

23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଆଇପିଏଲ୍

ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଗତକାଲି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ୩୭ରନ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ପରାସ୍ତ କରିଛି । ଏହି ବିଜୟ ସହ ପଞ୍ଜାବ କିଙ୍ଗସ୍ ଅଙ୍କ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛି । ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୨୩୬ରନ୍ ସ୍କୋର କରିଥିଲା । ଜବାବରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ସମାନ ସଂଖ୍ୟକ ଓଭରରେ ୭ ଓ୍ୱିକେଟ୍ ବିନିମୟରେ ୧୯୯ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ୧ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଥିଲା ।

ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ହାଇଦ୍ରାବାଦ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁକାବିଲା ହେବ ।